The Nitidina, Dt. 08.08.2018

ବୁଧବାର, ୮ ଅଗଷ୍ଟ ୨୦୧୮

ନିତିଦିନ NITIDIN

ନୂଆ ତହସିଲ୍‌ଦାରଙ୍କ ଯୋଗଦାନ

ନରସିଂହପୁର,୭।୮/ଏନ୍‌ଏନ୍‌ଏସ୍‌: ନରସିଂହପୁରରେ ନୂତନ ତହସିଲ୍‌ଦାର ଭାବେ ଗାଉକିଶୋର ଜେନା ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ଜେନା ପୂର୍ବରୁ ଜଳାହାଣ୍ଡି ଘୋଳାମୁଣ୍ଡା ବ୍ଲକ୍‌ର ବିଡିଓ ଭାବେ କାର୍ଯ୍ୟ କରୁଥିଲେ। ଏଠାରୁ ତହସିଲ୍‌ଦାର ସତ୍ୟପୁରର ଗାଉଡଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ତେବେ ହଠାତ୍ ତାଙ୍କ ବଦଳିକୁ ନେଇ ଅଞ୍ଚଳରେ ଆଲୋଚନା ଜୋର ଧରିଛି।

ଆମ

ରେଳଧାରଣାରେ ଯୁବକଙ୍କ ଆତ୍ମହତ୍ୟା

ରାଜସୁନାଖଳା,୭।୮/ଏନ୍‌ଏନ୍‌ଏସ୍‌ : ଦେଉଗଡ଼ ଥାନା ଅନ୍ତର୍ଗତ ରାଜସୁନାଖଳା ଷ୍ଟେସନ୍ ନିକଟ ରେଳ ଧାରଣାରେ ମୁଣ୍ଡ ରଖି ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ଜଣକ ହରିକେଶ୍ୱର ଗ୍ରାମର ସ୍ୱର୍ଗତ ଧନେଶ୍ୱର ଚଳଲିଙ୍କ ସାନପୁଅ କାବୁ ଚଳଲି (୨୫)। କାବୁ ଆଜି ଭୋର ସାଢ଼େ ୫ଟା ସମୟରେ ଟ୍ରେନ୍ ଆଗରେ ରାଜସୁନାଖଳା ରେଳଷ୍ଟେସନ ନିକଟ ରେଳଧାରଣା ଉପରେ ଆତ୍ମହତ୍ୟା କରିଛନ୍ତି। ରାଜସୁନାଖଳା ଫାଣ୍ଡି ଅଧିକାରୀ ଗଣ୍ଡୁମାଥ ଖଡ଼ଙ୍ଗୀ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ରୟଗଡ଼ ସରକାରୀ ଡାକ୍ତରଖାନାକୁ ପଠାଇ ତଦନ୍ତ କରୁଛନ୍ତି। ସେ ଜଣେ ରଙ୍ଗମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ।

ଅବକାରୀ ଚଢ଼ଉ, ୧ ଗିରଫ

ଦଣ୍ଡପଲ୍ଲା, ୭।୮/ଏନ୍‌ଏନ୍‌ଏସ୍‌ : ଦଣ୍ଡପଲ୍ଲା ବ୍ଲକ ଚଢ଼େୟପଲ୍ଲୀ ପଞ୍ଚାୟତର ଲଖାଗାରୁ ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ

ଆଇଆଇଟିରେ ବଢ଼ିଲା ୯୫% ପିଏଚ୍‌ଡି ସିଟ୍

ଜଟଣୀ,୭।୮/ଏନ୍‌ଏନ୍‌ଏସ୍‌: ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱରରେ ବଢ଼ିଲା ୯୫% ପିଏଚ୍‌ଡି ସିଟ୍। ଏହାସହ ଏମ୍‌ଟେକରେ ୧୫% ଓ ଏମ୍‌ଏସ୍‌ସିରେ ୭% ସିଟ୍ ବଢ଼ିଥିବା ସହ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂରେ ଏମଟେକ୍ ଆରମ୍ଭ ହୋଇଥିବା ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ରତ୍ନମ୍ ବରଡା ରାଜକୁମାର କହିଛନ୍ତି।

ଭୁବନେଶ୍ୱର ଆଇଆଇଟିରେ ନାମଲେଖା ପ୍ରକ୍ରିୟା ସରିବା ପରେ ନିର୍ଦ୍ଦେଶକ ପ୍ରଫେସର ରାଜକୁମାର ସୂଚନା ଦେଇ କହିଛନ୍ତି ଯେ ଆଇଆଇଟି ଭୁବନେଶ୍ୱର ଏବେ ୬ଟି ଡିଟେକ୍ କୋର୍ସ, ୯ଟି ଡୁଆଲ୍ ଡିଗ୍ରୀ କାର୍ଯ୍ୟକ୍ରମ, ୫ଟି ଏମ୍‌ଏସ୍‌ସି, ୧୧ଟି ଏମଟେକ୍ ଏବଂ ୭ଟି ବିଭାଗରେ ପିଏଚ୍‌ଡି ପାଠ୍ୟକ୍ରମ ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାନୁସାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରୀମାନଙ୍କୁ ଅଧିକ ସୁଯୋଗ ଦିଆଯାଉଛି। ସେହି ଅନୁସାରେ ଭୁବନେଶ୍ୱର ଆଇଆଇଟିର ବିଭିନ୍ନ ସ୍ନାତକ (ୟୁଜି) କୋର୍ସରେ ୧୯ଜଣ ଅଧିକ ଛାତ୍ରୀ ନାମ ଲେଖାଇଛନ୍ତି। ଏବେ ୫୫ ଛାତ୍ରୀଙ୍କ ସହ ଏହା ୧୫%ରୁ ଅଧିକ ସଂଖ୍ୟାରେ ପହଞ୍ଚିଛି। କମ୍ପ୍ୟୁଟର୍ ସାଇନ୍ସ, ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ୍ ଚାହିଦା ଥିବାରୁ ଚଳିତବର୍ଷରୁ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂର ଏମଟେକ୍ ଆରମ୍ଭ ହୋଇଛି। ସାଇବର ସିକ୍ୟୁରିଟି ଆଣ୍ଡ ଫରେନସିକ୍ସ ଓ ଡାଟା ଏନାଲିଟିକ୍ସ ଆଣ୍ଡ ମେସିନ୍ ଇଂଟେଲିଜେନ୍ସ ନାମକ ଦୁଇଟି ସ୍ପେଶିଆଲାଇଜେସନ୍‌ରେ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂର ଏମଟେକ୍ ଆରମ୍ଭ ହୋଇଛି। ନାମଲେଖାରେ ବଢ଼ିବା ହାର ସନ୍ତୋଷଜନକ ରହିଥିବା ପ୍ରଫେସର ରାଜକୁମାର କହିଛନ୍ତି। ଚଳିତ ବର୍ଷ ଭଲ ର୍ୟାଙ୍କ ରଖିଥିବା ଛାତ୍ରଛାତ୍ରୀମାନେ ଭୁବନେଶ୍ୱର ଆଇଆଇଟିକୁ ପସନ୍ଦ କରିଛନ୍ତି। ଏପରିକି ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ର୍ୟାଙ୍କ୍‌ରେ ୩ା ସହ ଫରକ ରହିଥିବା ଯେ କହିଛନ୍ତି। ଏହିଭଳି ନାମଲେଖାରେ ଉନ୍ନତି ହେଲେ ଆସନ୍ତା ବିତି ଦିନ ମଧ୍ୟରେ ଭୁବନେଶ୍ୱର ଆଇଆଇଟି ସିନିୟର୍ ଆଇଆଇଟି କ୍ୱବ୍‌ରେ ଯୋଗ ଦେବା ସହିତ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନରେ ପରିଣତ ହୋଇପାରିବ ବୋଲି ପ୍ରଫେସର୍ ରାଜକୁମାର ଆଶାବ୍ୟକ୍ତ କରିଛନ୍ତି।

ବିଶ୍ୱ

ଏକ